# କ୍ଷମତାପନ୍ନ ପ୍ରାଧିକାରୀ ତଥା ତହସିଲଦାର, ବଲାଙ୍ଗିରଙ୍କ କାର୍ଯ୍ୟାଳୟ

**ବିଜ୍ଞାପନ** ତାରିଖ – ୨୫.୦୧.୨୦୨୧

କ୍ଷମତାପନ୍ନ ପ୍ରାଧିକାରୀ ତଥା ତହସିଲଦାର, ବଲାଙ୍ଗିର କାର୍ଯ୍ୟାଳୟ ବାଏପାସ ଜମି ଅଧିଗ୍ରହଣ ଜାତୀୟ ରାଜପଥ – ୨୬ ଏବଂ ୫୭ ରେ ନିମ୍ନୋକ୍ତ ଚୁକ୍ତିଭିତ୍ତିକ ଅସ୍ଥାୟୀ ପଦବୀ ଗୁଡିକ ନିମନ୍ତେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ/ବୃତ୍ତିଗତ ଯୋଗ୍ୟତା ଥିବା ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ବାନ କରାଯାଉଛି । ଇଚ୍ଛୁକ ଓ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥନୀ ଏଥି ନିମନ୍ତେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ତଥା ଚାକିରି ସମ୍ବନ୍ଧୀୟ ସମସ୍ତ କାଗଜାତ ର ସ୍ୱ-ପ୍ରମାଣିତ (self-attested) ଅବିକଳ ନକଲ ସହିତ ସଂଲଗ୍ନ କରାଯାଇଥିବା ଆବେଦନ ପତ୍ରରେ ନିଜ ଠିକଣା ଥିବା ତଥା ଉପଯୁକ୍ତ ମୂଲ୍ୟର ଡାକଟିକଟ ଲଗା ହୋଇଥିବା ଦୁଇଟି ଲଫାଫା ସହିତ କ୍ଷମତାପନ୍ନ ପ୍ରାଧିକାରୀ ତଥା ତହସିଲଦାର, ବଲାଙ୍ଗିର କାର୍ଯ୍ୟାଳୟ, ଜି. ବଲାଙ୍ଗିର ଙ୍କ ଠିକଣାରେ ଡାକ ଯୋଗେ ତା. ୨୬.୦୧.୨୦୨୧ ରୁ ତା.୦୧.୦୨.୨୦୨୧ରିଖ ମଧ୍ୟରେ ଆବେଦନ କରିବେ ଏବଂ ତା.୦୧.୦୨.୨୦୨୧ରିଖ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା କ୍ଷମତାପନ୍ନ ପ୍ରାଧିକାରୀ ତଥା ତହସିଲଦାର, ବଲାଙ୍ଗିର କାର୍ଯ୍ୟାଳୟ, ଜି. ବଲାଙ୍ଗିର ଙ୍କ ଠିକଣାରେ ଆବେଦନ ପତ୍ର ଦାଖଲ କରିବେ । ବିଳମ୍ବରେ ପ୍ରାପ୍ତ ଆବେଦନ ଗ୍ରହଣୀୟ ହେବ ନାହିଁ ।

ଖାଲିଥିବା ପଦବୀ ଗୁଡିକର ବିବରଣୀ:

| କ୍ରମିକ ନମ୍ବର | ଖାଲିଥିବା ପଦବୀ ଗୁଡିକର ନାମ | ପଦବୀ ସଖ୍ୟା |
|---|---|---|
| ୧ | Senior Assistant /ବରିଷ୍ଠ କିରାଣି | ୦୧ |
| ୨ | Surveyor/ଅମିନ | ୦୧ |

କ.୧. ଯୋଗ୍ୟତା (Senior Assistant/ବରିଷ୍ଠ କିରାଣୀ)

୧. ପ୍ରାର୍ଥୀ/ପ୍ରାର୍ଥନୀଙ୍କ ବୟସ ୬୫ ବର୍ଷରୁ କମ ହୋଇଥିବ ।

୨. ପ୍ରାର୍ଥୀ/ପ୍ରାର୍ଥନୀ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ହୋଇଥିବେ ।

କ.୨. ଯୋଗ୍ୟତା (Surveyor/ଅମିନ)

୧. ପ୍ରାର୍ଥୀ/ପ୍ରାର୍ଥନୀଙ୍କ ବୟସ ୬୫ ବର୍ଷରୁ କମ ହୋଇଥିବ ।

୨. ପ୍ରାର୍ଥୀ/ପ୍ରାର୍ଥନୀ ଶରୀରିକ ସୁସ୍ଥ ଓ କ୍ଷେତ୍ର କାର୍ଯ୍ୟ ଯଥା ସର୍ଭେ, ସୀମା ନିର୍ଦ୍ଧାରଣ (Demarcation) ଇତ୍ୟାଦି ନିମନ୍ତେ ସକ୍ଷମ ଥିବେ ।

ଖ. ଚୟନ ପ୍ରଣାଳୀ

୧. ଉପରୋକ୍ତ ପଦବୀ ଗୁଡିକ ନିମନ୍ତେ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥନୀଙ୍କର ଚୟନ ନିଯୁକ୍ତିଦାତା ଅଧିକାରୀଙ୍କ ଦ୍ୱାରା ଗଠିତ ଏକ ଚୟନ କମିଟି ଦ୍ୱାରା କରାଯିବ ।

ଗ. ସର୍ତ୍ତାବଳୀ

୧. ନିଯୁକ୍ତି ଅବଧି ନିଯୁକ୍ତି ଦାତା ଅଧିକାରୀଙ୍କ ଦ୍ୱାରା ସ୍ଥିରୀକୃତ ହେବ ।

୨. ନିଯୁକ୍ତି ଅବଧି ମଧ୍ୟରେ ଯଦି କୌଣସି କରଚାରୀଙ୍କର ସେବା ସନ୍ତୋଷଜନକ ନ ହୁଏ, ତେବେ ଉକ୍ତ କର୍ମଚାରୀଙ୍କୁ କୌଣସି କାରଣ ନ ଦର୍ଶାଇ ସେବା ନିବୃତ୍ତ କରିବା ନିମନ୍ତେ ନିଯୁକ୍ତିଦାତା ଅଧିକାରୀ କ୍ଷମତାପ୍ରାପ୍ତ ଅଟନ୍ତି ।

୩. ଯଦି କୌଣସି କର୍ମଚାରୀ ସ୍ୱତଃ ସେବା ନିବୃତ୍ତ ହେବା ପାଇଁ ଚାହାନ୍ତି, ତାହେଲେ ସେ ଗୋଟିଏ ମାସ ପୂର୍ବରୁ ନିଯୁକ୍ତିଦାତା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବେ ।

୪. ମାସିକ ପାରିଶ୍ରମିକ (Remuneration) ପଦବୀ ଓ ଯୋଗ୍ୟତା ଅନୁସାରେ ନିଯୁକ୍ତିଦାତା ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ ।

**ଆବେଦନ କରିବାର ଶେଷ ତାରିଖ ୦୧.୦୨.୨୦୨୧**

ଏହାର ସବିଶେଷ ବିବରଣୀ www.balangir.nic.in ର ମଧ୍ୟ ଉପଲବ୍ଧ ଅଟେ ।

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର/ଉପଜିଲ୍ଲାପାଳ, ବଲାଙ୍ଗିର/ପୌର ନିର୍ବାହୀ ଅଧିକାରୀ, ବଲାଙ୍ଗିର/ତହସିଲଦାର, ବଲାଙ୍ଗିର/କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ ବିଭାଗ, ବଲାଙ୍ଗୀର୍ଙ୍କ କାର୍ଯାଳୟ ଗୁଡିକର ନୋଟିସ ବୋର୍ଡ଼ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସ୍ଥାନିତ କରାଗଲା ।

ସ୍ୱା/

କ୍ଷମତାପନ୍ନ ପ୍ରାଧିକାରୀ ତଥା ତହସିଲଦାର, ବଲାଙ୍ଗିର

# ଆବେଦନ ପତ୍ର

ଆବେଦନ କରିଥିବା ପଦବୀ ର ନାମ - ..............................................................................

ପାସ ପୋର୍ଟ ସାଇଜ ଫୋଟୋ

୧. ଆବେଦନକାରୀଙ୍କ ନାମ - ..............................................................................

୨. ପିତା/ସ୍ବାମୀଙ୍କ ନାମ - ..............................................................................

୩. ଜନ୍ମ ତାରିଖ – (ସର୍ଭିସ ରେକର୍ଡ ଅନୁସାରେ) - ..............................................................................

୪. ସ୍ଥାୟୀ ଠିକଣା – ..............................................................................

..............................................................................

୫. ଯୋଗାଯୋଗ ଠିକଣା – ..............................................................................

..............................................................................

୬. ଶିକ୍ଷାଗତ ଯୋଗ୍ୟତା – ..............................................................................

୭. ବିଗତ ଚାକିରି ଏବଂ ଅଭିଜ୍ଞତା ସମ୍ବନ୍ଧୀୟ ବିବରଣୀ :

| କ୍ରମିକ ନମ୍ବର | କାର୍ଯ୍ୟାଳୟର ନାମ | ପଦବୀ | କେବେଠାରୁ | କେଉଁ ପର୍ଯ୍ୟନ୍ତ | ଅବସ୍ଥାନ ସ୍ଥାନର ନାମ | ଅବଧି | ଅଭିଜ୍ଞତା (ଯଦି କିଛି ଥାଏ) |
|---|---|---|---|---|---|---|---|
| | | | | | | | |
| | | | | | | | |
| | | | | | | | |
| | | | | | | | |

## ଘୋଷଣା

ଏତ ଦ୍ୱାରା ମୁଁ ସତ୍ୟନିଷ୍ଠ ଭାବେ ପ୍ରମାଣିତ କରୁଅଛି ଯେ, ମୋ ଦ୍ୱାରା ପ୍ରଦତ୍ତ ସମସ୍ତ ଉପରୋକ୍ତ ତଥ୍ୟ ସଂପୂର୍ଣ୍ଣ ଭାବେ ସତ୍ୟ ଅଟେ । ମୁଁ ସଂଲଗ୍ନ କରିଥିବା ସ୍ୱ-ପ୍ରମାଣିତ କାଗଜପତ୍ର ମୂଳ କାଗଜାତ ର ଅବିକଳ ନକଲ ଅଟେ । ଦରକାର ସମୟରେ ନିଯୁକ୍ତି ଦାତାଙ୍କ ପାଖରେ ଏହା ଉପସ୍ଥାପନ କରିବି । ମୁଁ ଯଦି ଅସ୍ଥାୟୀ ଭାବରେ କାର୍ଯ୍ୟ କରିବା ପାଇଁ ନିଯୁକ୍ତ ହୁଏ, ତେବେ ମୁଁ ନିଯୁକ୍ତି ଦାତାଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ନିୟମାବଳୀ ପାଳନ କରିବି । ଯଦି ଏଥିରେ କିଛି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ମୋର ଆବେଦନ ପତ୍ର ଅସିଦ୍ଧ ଘୋଷିତ ହେବ ଏବଂ ମୋ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ମୋତେ ନିଯୁକ୍ତି ପ୍ରକ୍ରିୟାରୁ ଅନ୍ତର କରାଯାଇପାରେ ।

ତାରିଖ:...............................

ଆବେଦନକାରୀଙ୍କ ସ୍ୱାକ୍ଷର